# କେନ୍ଦୁଝର:ପଂଚମ ଜିଲ୍ଲା ପରିଷଦର ନବମ ଅଧିବେଶନ ଅନୁଷ୍ଠିତ



କେନ୍ଦୁଝର,୨୨/୧: ପଂଚମ ଜିଲ୍ଲା ପରିଷଦର ନବମ ଅଧିବେଶନ ଚଳିତ ଜାନୁଆରୀ ୨୨ ତାରିଖ ଶୁକ୍ରବାର ଦିନ ଜିଲ୍ଲା ପରିଷଦ ଅଧକ୍ଷା ଶ୍ରୀମତୀ କମଳିନୀ ପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଅଧିବେଶନରେ ଓଡ଼ିଶାର ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ଇଂ ପ୍ରେମାନନ୍ଦ ନାୟକ, କେନ୍ଦୁଝର ଲୋକସଭା ସଦସ୍ୟା ଇଂ ଚନ୍ଦ୍ରାଣୀ ମୁର୍ମୁ, ଘଷିପୁରା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ବଦ୍ରିନାରାୟଣ ପାତ୍ର, ଆନନ୍ଦପୁର ବିଧାୟକ ଭାଗିରଥୀ ସେଠୀ, ପାଟଣା ବିଧାୟକ ଜଗନ୍ନାଥ ନାଏକ, କେନ୍ଦୁଝର ବିଧାୟକ ମୋହନ ଚରଣ ମାଝୀ, ଜିଲ୍ଲାପାଳ ଆଶିଷ ଠାକରେ, ଜିଲ୍ଲା ପରିଷଦ ଉପାଧକ୍ଷ ଅକ୍ଷୟ କୁମାର ସାହୁ, ପି.ଡି. ଡିଆରଡିଏ ଡଃ ଉଦ୍ଧବ ଚନ୍ଦ୍ର ମାଝୀ, ଡିଏଫ୍‌ଓ (ଟି) ସ୍ୱୟଂ ମଲ୍ଲିକ୍, ଡିଏଫ୍‌ଓ ଆନନ୍ଦପୁର ଅଜିତ୍ କୁମାର ଶତପଥୀ, ଜିଲ୍ଲା ପରିଷଦ ସଦସ୍ୟ/ସଦସ୍ୟା, ପଂଚାୟତ ସମିତି ଅଧକ୍ଷ/ଅଧକ୍ଷା, ବିଭିନ୍ନ ବିଭାଗୀୟ ଅଧିକାରୀ, ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ପ୍ରାରମ୍ଭରେ ଜିଲ୍ଲାପାଳ ଶ୍ରୀ ଠାକରେ ସମସ୍ତଙ୍କୁ ସ୍ୱାଗତ ଜଣାଇବା ସହିତ ଜିଲ୍ଲାରେ ମହାମାରୀ କୋଭିଡ୍-୧୯ ନିୟନ୍ତ୍ରଣ କରିବାରେ ସବୁ ବର୍ଗର ସହଯୋଗ ପାଇଁ କୃତଜ୍ଞତା ଜଣାଇଥିଲେ । ଜିଲ୍ଲା ପରିଷଦ ଅଧକ୍ଷା କମଳିନୀ ପାତ୍ର ଉଦବୋଧନ ଦେଇ କହିଥିଲେ ଯେ, ବିଶ୍ୱ ମହାମାରୀ କୋଭିଡ୍-୧୯ ଗତ ୧୦ ମାସ ହେଲା ଅନେକ କଷ୍ଟ ଦେଇଛି । ସରକାରୀ ପଦାଧିକାରୀ, ଲୋକ ପ୍ରତିନିଧି ଏବଂ ସମାଜର ବିଭିନ୍ନ ବର୍ଗର ଜନସାଧାରଣ କୋଭିଡ୍-୧୯ ନିୟନ୍ତ୍ରଣ ପାଇଁ ଅନେକ କଷ୍ଟ ସ୍ୱୀକାର କରିଛନ୍ତି । ସେଥିପାଇଁ ସେମାନେ ଧନ୍ୟବାଦର ପାତ୍ର । ଜିଲ୍ଲା ପରିଷଦ ଅଧିବେଶନ ଜିଲ୍ଲାର ସାମଗ୍ରିକ ଉନ୍ନତି ନିମନ୍ତେ ଆଲୋଚନା କରିବାର ଅବସର ଆଣିଥାଏ । ଆଗାମୀ ଦିନରେ କେନ୍ଦୁଝର ଜିଲ୍ଲାର ଉନ୍ନତି କିପରି ଅଧିକ କ୍ରିୟାଶୀଳ ହୋଇପାରିବ ସେଥିପାଇଁ ସମସ୍ତେ ନିଷ୍ଠାର ସହ କାମ କରିବାକୁ ନିବେଦନ କରିଥିଲେ । ଏହି ବୈଠକରେ ଗତ ତା୧୨/୨/୨୦୨୦ରିଖରେ ଅନୁଷ୍ଠିତ ହୋଇଥିବା ବୈଠକରେ ଦୃଢୀକରଣ କରାଯାଇଥିଲା । ଏତଦ୍‌ବ୍ୟତୀତ ପୂର୍ବ ବୈଠକର ବିବରଣୀ ଉପରେ ଅନୁପାଳନର ସମୀକ୍ଷା ସମ୍ପର୍କିତ ତଥ୍ୟ ସଦସ୍ୟ/ସଦସ୍ୟାମାନଙ୍କୁ ପ୍ରଦାନ କରାଯାଇଥିଲା । ଅଧିବେଶନରେ ସାଧାରଣ ବଂଟନ ବ୍ୟବସ୍ଥା ଅର୍ନ୍ତଗତ ପି.ଏଚ୍.ଏଚ୍. ହିତାଧିକାରୀମାନଙ୍କୁ ଚାଉଳ ଓ ଗହମ ଯୋଗାଣ ଏବଂ ଅନ୍ତ୍ୟୋଦୟ ଅନ୍ନପୂର୍ଣ୍ଣା ଯୋଜନାର ହିତାଧିକାରୀମାନଙ୍କୁ ଚାଉଳ ଯୋଗାଣ, ଜାତୀୟ ଖାଦ୍ୟ ନିରାପତା ଯୋଜନା ଏବଂ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ କିପରି ହିତାଧିକାରୀମାନେ ଉପକୃତ ହେଉଛନ୍ତି ସେ ସମ୍ବନ୍ଧରେ ସମୀକ୍ଷା କରାଯାଇଥିଲା । ଖାଉଟି କାର୍ଡ ପାଇବାରେ ଯେପରି ଯୋଗ୍ୟ ବ୍ୟକ୍ତିମାନେ ବଂଚିତ ନ ହୁଅନ୍ତି ଏବଂ ଚଂଚକତା କରି ଖାଉଟି କାର୍ଡ ହାତେଇଥିବା ବ୍ୟକ୍ତି ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା । ଏତଦ୍‌ବ୍ୟତୀତ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ କୋଭିଡ୍-୧୯ ସମୟରେ ପ୍ରବାସରୁ ଫେରିଥିବା ପରିବାର ପାଇଁ କିପରି କାର୍ଡ ପ୍ରଦାନ କରାଯାଇ ସହାୟତା ଯୋଗାଇ ଦିଆଯାଇଛି ସେ ସମ୍ପର୍କରେ ଆଲୋଚନା ହୋଇଥିଲା । ବିଭିନ୍ନ ବ୍ଲକ୍‌ରେ ଚଂଚକତା କରି ଖାଉଟି କାର୍ଡ ହାତେଇଥିବା ହିତାଧିକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଏ ଦିଗରେ ଲୋକ ପ୍ରତିନିଧିମାନେ ସହଯୋଗ କରିବାକୁ ଅନୁରୋଧ କରିଥିଲେ । ୨୦୨୦-୨୧ ଖରିଫ ଋତୁର ଧାନ ସଂଗ୍ରହ ପ୍ରକ୍ରିୟା ସମ୍ପର୍କରେ ବୈଠକରେ ବିଶଦ୍ ଭାବେ ଆଲୋଚନା କରାଯାଇଥିଲା । ଜିଲ୍ଲାର ବିଭିନ୍ନ ମଣ୍ଡିରେ ଧାନ କିଣା ପ୍ରକ୍ରିୟାରେ ସମସ୍ୟା ଉପୁଜିଥିବା ଏବଂ ମିଲ୍‌ମାନଙ୍କରେ ଚାଷୀମାନଙ୍କୁ ଶୋଷଣ କରାଯାଉଥିବା ପ୍ରସଙ୍ଗରେ ବୈଠକରେ ଆଲୋଚନା କରାଯାଇଥିଲା । ଚାଷୀମାନେ ଯେପରି ଅସୁବିଧାର ସମ୍ମୁଖୀନ ନ ହେବେ, ଧାନ ସଂଗ୍ରହ କ୍ଷେତ୍ରରେ କିପରି ସମସ୍ୟା ନ ଉପୁଜିବ ଏବଂ ଶୋଷଣର ଶିକାର ନ ହେବେ ସେ ଦିଗରେ ବିହିତ ପଦକ୍ଷେପ ନେବାକୁ ଜିଲ୍ଲା ବେସାମରିକ ଯୋଗାଣ

ଅଧିକାରୀ ଏବଂ ଡି.ଆର୍.ସି.ଏସ୍‌ଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ଧାନ ସଂଗ୍ରହ କ୍ଷେତ୍ରରେ ଜିଲ୍ଲା ପାଇଁ ଅତିରିକ୍ତ ଆବଂଟନ ପ୍ରଦାନ ନିମନ୍ତେ ସରକାରଙ୍କୁ ଅନୁରୋଧ କରାଯାଇଛି ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ । ଏତଦ୍‌ବ୍ୟତୀତ ଧାନ ସଂଗ୍ରହ ପ୍ରକ୍ରିୟାରେ ଇଂଟରନେଟ୍ କ୍ଷେତ୍ରରେ ଦେଖା ଦେଇଥିବା ସମସ୍ୟାର ନିରାକରଣ, ଟୋକନ୍ ସମସ୍ୟା, ପ୍ୟାକ୍ସ/ଲ୍ୟାମ୍ପସ୍‌ରେ ଧାନ ସଂଗ୍ରହ ଆଲଟ୍‌ମେଂଟ ଲଗାଇବା, ୨୦୧୯-୨୦ ଖରିଫ ଋତୁରେ ଧାନ ସଂଗ୍ରହ ପ୍ରକ୍ରିୟାରେ ଦେଖା ଯାଇଥିବା ସମସ୍ୟା ଓ ସମାଧାନ, କେତେକ ସ୍ଥାନରେ ଚାଷୀମାନେ ମିଲରଙ୍କ ଦ୍ୱାରା ଶୋଷଣ ହେବା ପ୍ରସଙ୍ଗ ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇ ସମୀକ୍ଷା କରାଯାଇଥିଲା । ଧାନ ସଂଗ୍ରହ ବେଳେ ଅନିୟମିତା ରୋକିବା ନିମନ୍ତେ ସ୍ୱତନ୍ତ୍ର ସ୍କ୍ୱାର୍ଡ ଗଠନ କରାଯାଇଛି ଏବଂ ଏହାକୁ ଅଧିକ କ୍ରିୟାଶୀଳ କରାଯିବ ବୋଲି ଜିଲ୍ଲାପାଳ କହିଥିଲେ । ଜିଲ୍ଲାରେ କୃଷି ଓ କୃଷକ ସଶକ୍ତକରଣ ବିଭାଗର କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯାଇଥିଲା । ୨୦୨୦-୨୧ ରବି ଋତୁର ଫସଲ ଖସଡ଼ା ସମ୍ପର୍କରେ ଆଲୋଚନା କରାଯାଇ ଲକ୍ଷ୍ୟ ଧାର୍ଯ୍ୟ, ଲକ୍ଷ୍ୟ ହାସଲ, ଜଳସେଚନର ସୁବିଧା, ୨୦୨୦ ଖରିଫ ଋତୁ ପାଇଁ ଯୋଗାଇ ଦିଆଯାଇଥିବା ବିହନ, ସାର ରିହାତି ଦରରେ ଘରୋଇ ଜଳସେଚନ ଯୋଜନା (ଜଳ ନିଧି), ୨୦୨୦-୨୧ର କ୍ଷେତ୍ର ପରିଦର୍ଶନ, କେନ୍ଦ୍ର ଓ ରାଜ୍ୟ ମିଳିତ ଯୋଜନାରେ ବିଭିନ୍ନ କୃଷି ଯନ୍ତ୍ରପାତି ଯୋଗାଣ, ଓଡ଼ିଶା ମିଲେଟ୍ ମିଶନ୍ ରବି କାର୍ଯ୍ୟକ୍ରମ, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାର କାର୍ଯ୍ୟକାରିତା, ରବି କାର୍ଯ୍ୟକ୍ରମ, ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା, ବଳରାମ ଯୋଜନା, ଜାତୀୟ ଖାଦ୍ୟ ନିରାପତା ମିଶନ୍, ରବି କାର୍ଯ୍ୟକ୍ରମ, କୋଭିଡ୍ ପ୍ୟାକେଜ୍ ଅନୁଯାୟୀ ଜିଲ୍ଲାରେ ହାତକୁ ନିଆଯାଇଥିବା କାର୍ଯ୍ୟକ୍ରମ ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇ ସମୀକ୍ଷା କରାଯାଇଥିଲା । ଜଳ ବିଭାଜିକା ବିଭାଗର ପ୍ରଧାନମନ୍ତ୍ରୀ କୃଷି ସିଂଚାଇ ଯୋଜନାର ୨୦୨୦-୨୧ ଆର୍ଥିକ ବର୍ଷର ପ୍ରଗତି ବିବରଣୀ, ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ୨୦୨୦-୨୧ ବର୍ଷର ହୋଇଥିବା ପ୍ରଗତି ବିବରଣୀ, ଓଡ଼ିଶା ଖଣିଜ ଅଂଚଳ ଉନ୍ନୟନ ନିଗମ (ଓମ୍ବାଡିସି) ୨୦୨୦-୨୧ ବର୍ଷର ଆର୍ଥିକ ପାଣ୍ଠିରେ ହାତକୁ ନିଆଯାଇଥିବା କାର୍ଯ୍ୟକ୍ରମ ସମ୍ପର୍କରେ ସମୀକ୍ଷା କରାଯାଇଥିଲା । ଜଳସେଚନ ବିଭାଗ ଅର୍ନ୍ତଗତ ବୈତରଣୀ ଡିଭିଜନ୍, ଶାଳପଡ଼ା ଅଧିନରେ ପରିଚାଳିତ ୨୦୨୦-୨୧ ଆର୍ଥିକ ବର୍ଷରେ ନାବାର୍ଡ ସହାୟତାରେ ଚାଲୁଥିବା ବନ୍ୟା ପ୍ରତିରୋଧକ ନଦୀ ବନ୍ଧ- ରିଂରୋଡ୍ ଉନ୍ନତିକରଣ, ଡ୍ରେନେଜ୍ ସ୍ଲୁସ୍ ନିର୍ମାଣ ଇତ୍ୟାଦି ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥିଲା । ବିଦ୍ୟୁତକରଣ କାର୍ଯ୍ୟକ୍ରମ ଅର୍ନ୍ତଗତ ଦୀନଦୟାଲ୍ ଉପାଧ୍ୟାୟ ଗ୍ରାମ ଜ୍ୟୋତି ଯୋଜନା, ସମସ୍ତ ଗୃହକୁ ବିଦ୍ୟୁତ୍ ସଂଯୋଗୀକରଣ, ନୂତନ ୩୩/୧୧ କେଭି ସବ୍‌ଷ୍ଟେସନ୍ ସ୍ଥାପନ ଏବଂ ଏହାର ସମ୍ପୂର୍ଣ୍ଣ କରଣ ସମ୍ପର୍କରେ ଆଲୋଚନା କରାଯାଇଥିଲା । ଗ୍ରାମ୍ୟ ଉନ୍ନୟନ ବିଭାଗର ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ହାତକୁ ନିଆଯାଇଥିବା ବିଭିନ୍ନ ରାସ୍ତାର ନିର୍ମାଣ/ ଉନ୍ନତିକରଣ, ନାବାର୍ଡ ଯୋଜନାରେ ନିର୍ମାଣ ହୋଇଥିବା ରାସ୍ତାର ସ୍ଥିତି, ଷ୍ଟେଟ୍ ପ୍ଲାନ୍ ସ୍କିମ୍‌ରେ ରାସ୍ତା ନିର୍ମାଣ, ସେତୁ ନିର୍ମାଣ, ବିଜୁ ସେତୁ ଯୋଜନାରେ ହାତକୁ ନିଆଯାଇଥିବା ସେତୁ ନିର୍ମାଣର ଅଗ୍ରଗତି, ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାର କାର୍ଯ୍ୟକାରିତା, ଜିଲ୍ଲା ଖଣିଜ ପ୍ରତିଷ୍ଠାନ ଏବଂ ଓମ୍ବାଡ଼ିସି ଅନୁଦାନରେ ବିଭିନ୍ନ ପ୍ରକଳ୍ପ ନିର୍ମାଣ ସମ୍ପର୍କରେ ସମୀକ୍ଷା କରାଯାଇଥିଲା । ପୂର୍ତ୍ତ ବିଭାଗର ରାଜ୍ୟ ଯୋଜନା, ସିଆର୍‌ଏନ୍ ଯୋଜନା, କେନ୍ଦ୍ରୀୟ ରାସ୍ତା ପାଣ୍ଠି, ଡିଏମ୍‌ଏଫ୍, ଓମ୍ବାଡ଼ିସି, ଅନ୍ୟାନ୍ୟ ଜମା ପାଣ୍ଠି, ଗ୍ରାମାଚଂଳ ଭିତିଭୂମି ବିକାଶ ପାଣ୍ଠି, ରାଜ୍ୟ ଯୋଜନାର କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପ୍ରକଳ୍ପର ସ୍ଥିତି ଓ ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରାଯାଇଥିଲା । ଜଙ୍ଗଲ ଓ ଖଣି ଓ ପ୍ରଦୂଷଣ ବିଭାଗର କାର୍ଯ୍ୟକ୍ରମ ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇ ସମୀକ୍ଷା କରାଯାଇଥିଲା । ଜିଲ୍ଲାରେ ସ୍ୱାସ୍ଥ୍ୟ ବିଭାଗୀୟ କାର୍ଯ୍ୟକ୍ରମ, ମହାମାରୀ କୋଭିଡ୍-୧୯ର ନିୟନ୍ତ୍ରଣ, ଟେଷ୍ଟିଂ ସଫଳତା, କୋଭିଡ୍-୧୯ ଟୀକାକରଣ, ସୁପର ସ୍ପେଶାଲିଷ୍ଟ ଡାକ୍ତର ସେବା, ଡାକ୍ତର ଓ ଷ୍ଟାଫ୍ ନିଯୁକ୍ତି, ବିଭିନ୍ନ ଡାକ୍ତରଖାନାର ଭିତିଭୂମିର ବିକାଶ ସମ୍ପର୍କରେ ଆଲୋଚନା ହୋଇଥିଲା । ଗଣଶିକ୍ଷା ବିଭାଗର କାର୍ଯ୍ୟକ୍ରମ ଆଗାମୀ ମାଟ୍ରିକ୍ ପରୀକ୍ଷା, ମୋ ସ୍କୁଲ ଅଭିଯାନ, ବିଦ୍ୟାଳୟମାନଙ୍କର ଭିତିଭୂମି ବିକାଶ, ଶିକ୍ଷକ ନିଯୁକ୍ତି ପ୍ରସଙ୍ଗ ଉପରେ ଏବଂ ପାନୀୟ ଜଳ ଯୋଗାଣ କାର୍ଯ୍ୟକ୍ରମ ସମ୍ପର୍କରେ ଅଧିବେଶନରେ ଆଲୋଚନା ଓ ସମୀକ୍ଷା କରାଯାଇଥିଲା । ଉପସ୍ଥିତ ମନ୍ତ୍ରୀ, ସାଂସଦ, ଓ ବିଧାୟକ ବୃନ୍ଦ ବିଭିନ୍ନ କାର୍ଯ୍ୟକ୍ରମର ଅଗ୍ରଗତି ଓ ସଫଳତା ପାଇଁ ଆବଶ୍ୟକୀୟ ପରାମର୍ଶ ଦେଇଥିଲେ ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ,କେନ୍ଦୁଝର